# NATIONAL NEWS BULLETIN (ODIA)

**27 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଭିନ୍ନ କ୍ଷେତ୍ରରେ ସରକାର ଗ୍ରହଣ କରିଥିବା ସଂସ୍କାରମୂଳକ ପଦକ୍ଷେପ ବ୍ୟବସାୟ କରିବାରେ ସହଜତାରେ ଉନ୍ନତି ଆଣିଛି, କହିଲେ ପ୍ରଧାନମନ୍ତ୍ରୀ
- ରାଜସ୍ଥାନର ଜୟସାଲ୍‌ମେରଠାରେ ବାୟୁସେନା ଘାଟିରୁ ହେଲିକପ୍ଟର 'ପ୍ରଚଣ୍ଡ'ରେ ଉଡ଼ାଣ କଲେ ରାଷ୍ଟ୍ରପତି
- ଏନ୍‌ସିଇଆରଟି ପାଠ୍ୟପୁସ୍ତକରେ ରହିଥିବା ବିଚାରବିଭାଗୀୟ ଦୁର୍ନୀତି ସଂପର୍କିତ ତଥ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ, କହିଲେ ଶିକ୍ଷାମନ୍ତ୍ରୀ
- ଅବକାରୀ ନୀତି ସଂପର୍କିତ ଦୁର୍ନୀତି ମାମଲାରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ନିର୍ଦ୍ଦୋଷ ଘୋଷଣା କଲା ନିମ୍ନ ଅଦାଲତ

–ରାୟ ବିରୁଦ୍ଧରେ ହାଇକୋର୍ଟରେ ଆବେଦନ କରିବା ନେଇ ସିବିଆଇର ଘୋଷଣା

ଏବଂ

- ପୁରୁଷବର୍ଗ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଇଂଲଣ୍ଡ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

---

## ପିଏମ୍-ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ସରକାର ଗ୍ରହଣ କରିଥିବା ସଂସ୍କାରମୂଳକ ପଦକ୍ଷେପ, ବ୍ୟବସାୟ କରିବାରେ ସହଜତାରେ ଉନ୍ନତି ଆଣିବା ସହ ପ୍ରଯୁକ୍ତିବିଦ୍ୟା ଆଧାରିତ ଶାସନ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିଛି । 'ବିକଶିତ ଭାରତ ପାଇଁ ପ୍ରଯୁକ୍ତିବିଦ୍ୟା, ସଂସ୍କାର ଏବଂ ଅର୍ଥ' ଶୀର୍ଷକ ବଜେଟ୍

ପରବର୍ତ୍ତୀ ୱେବିନାରକୁ ସମ୍ବୋଧନ କରି ଶ୍ରୀ ମୋଦୀ ଏହା କହିଛନ୍ତି । ବିଭିନ୍ନ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଉତ୍କୃଷ୍ଟତା ଓ ପ୍ରାଥମିକତା ପ୍ରଦାନ କରାଯିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଘୋଷିତ ସଂସ୍କାରର ସଠିକ୍ କାର୍ଯ୍ୟାନ୍ୱୟନ ଉପରେ ମଧ୍ୟ ମୂଲ୍ୟାଙ୍କନ କରାଯିବା ନେଇ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । କୃତ୍ରିମ ବୁଦ୍ଧିମତ୍ତା, ଯୋଗାଣ ଶୃଙ୍ଖଳ ଏବଂ ତଥ୍ୟ ବିଶ୍ଳେଷଣ ଆଧାରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

**V/O**

ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାରୀ ପୁଞ୍ଜି ବ୍ୟୟ ନିରନ୍ତର ବୃଦ୍ଧି ପାଉଛି । ସଡ଼କ, ରେଳ, ଏବଂ ଜଳପଥ ତଥା ଡିଜିଟାଲ ନେଟୱର୍କ, ବିଦ୍ୟୁତ୍ ସଂଯୋଗ ଭଳି ଭିତ୍ତିଭୂମିକୁ ସୁଦୃଢ଼ କରାଯାଇ ପାରିଲେ ଦେଶ ବିକାଶର ପଥରେ ଅଧିକ ଗତିଶୀଳ ହୋଇପାରିବ ।

କେନ୍ଦ୍ର ବଜେଟ୍‌ରେ ଆବଣ୍ଟିତ ଅର୍ଥ ପରିମାଣ ୧୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । କେନ୍ଦ୍ରୀୟ ବଜେଟ୍ ଏକ କ୍ଷଣସ୍ଥାୟୀ ବାଣିଜ୍ୟ ନଥିପତ୍ର ନୁହେଁ। ବରଂ ଏହା ହେଉଛି ଏକ ନୀତିଗତ ରୋଡ୍‌ମ୍ୟାପ୍ । ବଜେଟର ପ୍ରଭାବକୁ ଦୃଢ଼ ଏବଂ ପ୍ରକୃତ ମାନକ ମାଧ୍ୟମରେ ମୂଲ୍ୟାଙ୍କନ କରାଯିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । **V/O**

ଏହି ୱେବିନାରରେ ଶିଳ୍ପଦ୍ୟୋଗ, ଆର୍ଥିକ ପ୍ରତିଷ୍ଠାନ, ବଜାର ଅଂଶଗ୍ରହଣକାରୀ, ସରକାର, ଶିଳ୍ପ ନିୟାମକ ଏବଂ ଶିକ୍ଷାନୁଷ୍ଠାନର ପ୍ରମୁଖ ଅଂଶିଦାର  ପ୍ରମୁଖ ଯୋଗ ଦେଇଥିଲେ ।

--------

# ରାଜସ୍ଥାନ-ପ୍ରେଜ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଜସ୍ଥାନର ଜୟସାଲେ୍ମେର ବାୟୁସେନା ଘାଟିରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଲୁକା ହେଲିକପ୍ଟର 'ପ୍ରଚଣ୍ଡ'ରେ ଉଡ଼ାଣ କରିଛନ୍ତି । ଉଡ଼ାଣ ପୂର୍ବରୁ ଏହି ହେଲିକପ୍ଟର ସଂପର୍କରେ ବାୟୁସେନା ଅଧିକାରୀମାନେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ । ଏହି ହେଲିକପ୍ଟରର ଭୂପୃଷ୍ଠରୁ ବହୁ ଉଚ୍ଚରେ ଉଡ଼ାଣ ଭରିବାର ସାମର୍ଥ୍ୟ ରହିଛି । ରାଷ୍ଟ୍ରପତି ଏହି ଅବସରରେ ସ୍ୱଦେଶୀ ଜ୍ଞାନକୌଶଳ ଉପଯୋଗ କରି ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ବୈଜ୍ଞାନିକ, ଇଞ୍ଜିନିୟର ଓ ଅଧିକାରୀମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଭାରତୀୟ ବାୟୁସେନାର ପୋଖରାନ ଫିଲ୍ଡ ଫାୟାରିଂ ରେଞ୍ଜ୍ରେ ବାୟୁଶକ୍ତି ଅଭ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।

---

# ପ୍ରଧାନ ଏନ୍ସିଇଆରଟି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, NCERT ପୁସ୍ତକରେ ବିଚାର ବିଭାଗରେ ଦୁର୍ନୀତି ସଂପର୍କୀତ ଉଲ୍ଲେଖ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏହାକୁ ସରକାର ଅତ୍ୟନ୍ତ ଗମ୍ଭୀରତାର ସହିତ ନେଇଛନ୍ତି । ବିଚାର ବିଭାଗ ପ୍ରତି କୌଣସି ଅବମାନନା କରିବା ସରକାରଙ୍କର ଉଦ୍ଦେଶ୍ୟ ନୁହେଁ ଏବଂ NCERT କୁ ସମସ୍ତ ବିବାଦୀୟ ପୁସ୍ତକକୁ ଫେରାଇ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି । ଘଟଣାକୁ ନିନ୍ଦା କରି ଶ୍ରୀ ପ୍ରଧାନ କହିଛନ୍ତି, ଏ ପ୍ରସଙ୍ଗରେ ସୁପ୍ରିମକୋର୍ଟ ଦେଇଥିବା ଆଦେଶକୁ ପାଳନ କରାଯିବ । ଘଟଣାରେ ସଂପୃକ୍ତ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

**V/O**

ପୂର୍ବରୁ NCERT ର ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରି ନେବା ପାଇଁ ସୁପ୍ରିମକୋର୍ଟ ଆଦେଶ ଦେଇ ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତାମାସ ୧୧ ତାରିଖକୁ ଧାର୍ଯ୍ୟ କରିଥିଲେ ।

---

## କୋର୍ଟ-କେଜରିୱାଲ

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଅବକାରୀ ନୀତି ସଂପର୍କିତ ଦୁର୍ନୀତି ମାମଲାରୁ ଆଜି ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦୋଷ ଘୋଷଣା କରିଛନ୍ତି । ଏ ସଂପର୍କିତ ସିବିଆଇ ପକ୍ଷରୁ କରାଯାଇଥିବା ଚାର୍ଜସିଟ୍‌କୁ କୋର୍ଟ ଗ୍ରହଣ କରି ନାହାନ୍ତି । ଏହି ଘଟଣାରେ ଅଭିଯୁକ୍ତ ଅନ୍ୟ ୨୧ ଜଣଙ୍କୁ ମଧ୍ୟ କୋର୍ଟ ଦୋଷମୁକ୍ତ କରିଛନ୍ତି ।

ଅନ୍ୟପକ୍ଷରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସିବିଆଇ କହିଛି, ନିମ୍ନ ଅଦାଲତର ରାୟ ବିରୁଦ୍ଧରେ ହାଇକୋର୍ଟରେ ଆବେଦନ କରାଯିବ ।

---

## ଟ୍ରିବ୍ୟୁଟ୍ ଆଜାଦ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦଙ୍କ ଶହୀଦ ଦିବସ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ଶ୍ରୀ ଆଜାଦ କେବଳ ଜଣେ ବିପ୍ଳବୀ ନଥିଲେ, ତାଙ୍କର ଅଦମ୍ୟ ସାହସ ବଳରେ ସେ ବ୍ରିଟିଶ ଶାସନକୁ କଡ଼ା ଜବାବ ଦେଇଥିଲେ । ଦେଶସେବାରେ ତାଙ୍କର ବଳିଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି , ଅନ୍ୟାୟ ବିରୁଦ୍ଧରେ ଦୃଢ଼ ଭାବେ ଠିଆ ହେବା ପ୍ରକୃତ ବୀରର କାର୍ଯ୍ୟ ବୋଲି ଚନ୍ଦ୍ରଶେଖର ଆଜାଦଙ୍କ ଜୀବନରୁ

ଶିଖିବାକୁ ମିଳିଥାଏ । ଦାସତ୍ୱ ଓ ପରାଧୀନତାରୁ ମୁକ୍ତି ପାଇବା ପାଇଁ ତାଙ୍କର ବଳିଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି ଚନ୍ଦ୍ରଶେଖର ଆଜାଦଙ୍କ ଶହୀଦ ଦିବସ ଅବସରରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ବୈଷ୍ଣବ ରାଇଜିଂ

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତାକୁ ବ୍ୟବହାର କରିବାରେ ବିଶ୍ୱାସ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ନୂଆଦିଲ୍ଲୀର ଏକ ଗଣମାଧ୍ୟମ ସଂସ୍ଥା ଦ୍ୱାରା ଆୟୋଜିତ ରାଇଜିଂ ଭାରତ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ପରିବର୍ତ୍ତନକୁ ଗମ୍ଭୀରତାର ସହ ନେବାର ଆବଶ୍ୟକତା ରହିଛି । ସକ୍ରିୟ ଭାବେ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରାଯିବା ଉଚିତ । ରାଜ୍ୟ ସରକାରଗୁଡ଼ିକୁ ମଧ୍ୟ ଏ କ୍ଷେତ୍ରରେ ବ୍ୟାପକ ପ୍ରୟାସ କରିବାକୁ ପଡ଼ିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ପ୍ରାୟ ୪ ବର୍ଷ ପୂର୍ବେ ଆଇଟି ଶିଳ୍ପ ସହିତ ସହଭାଗିତାରେ ସରକାର ଭବିଷ୍ୟତ ପାଇଁ ଦକ୍ଷତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଇଣ୍ଡିଆ-ଭୁଟାନ୍ ହାଇଡ୍ରୋପାୱାର

ଭାରତ ସରକାରଙ୍କ ସହଯୋଗରେ ଭୁଟାନରେ କାର୍ଯ୍ୟକାରୀ ହେଉଥିବା ପୁନତ୍ ସାଙ୍ଗଛୁ ପ୍ରଥମ ଜଳବିଦ୍ୟୁତ୍ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ସମୀକ୍ଷା କରିବା ଅବସରରେ ଏକ ଭାରତୀୟ ପ୍ରତିନିଧି ମଣ୍ଡଳୀ ଭୁଟାନ ଗସ୍ତ କରିଥିଲେ । ଜଳସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ସଚିବ ଭି.ଏଲ୍. କନ୍ଥରାଓଙ୍କ ନେତୃତ୍ୱରେ ଏହି ପ୍ରତିନିଧିମଣ୍ଡଳୀ ସୀମାପାର ନଦୀଗୁଡ଼ିକରେ ସହଯୋଗ ନେଇ ମଧ୍ୟ

ପ୍ରତିପକ୍ଷ ସହ ଆଲୋଚନା କରିଛନ୍ତି । ଜଳଶକ୍ତି ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ସଚିବ ସ୍ତରୀୟ ଏହି ଦ୍ୱିପାକ୍ଷିକ ବୈଠକ ଅବସରରେ ଉଭୟ ଦେଶ ମଧ୍ୟରେ ବନ୍ୟା ପରିଚାଳନା ଏବଂ ବନ୍ୟା ଆଶଙ୍କା ସଂପର୍କିତ ପୂର୍ବାନୁମାନ ନେଇ ରହିଥିବା ବ୍ୟବସ୍ଥାର ସମୀକ୍ଷା କରାଯାଇଛି । ଦକ୍ଷତା ବିକାଶ, ବୈଷୟିକ ଆଦାନ ପ୍ରଦାନରେ ସହଯୋଗ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ହିମଖଣ୍ଡ ତରଳିବା ଯୋଗୁଁ ସୃଷ୍ଟ ବନ୍ୟା ପରିସ୍ଥିତି ଆଦି ଆହ୍ୱାନଗୁଡ଼ିକର ସମାଧାନ ଦିଗରେ ଉଭୟ ପକ୍ଷ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ପାକ୍-ଆଫଗାନିସ୍ତାନ ୱାର୍

ଆଫଗାନିସ୍ତାନର କାବୁଲ୍ ଏବଂ ଅନ୍ୟ ୨ଟି ଅଞ୍ଚଳରେ ପାକିସ୍ତାନ ପକ୍ଷରୁ ଆଜି ଆକାଶମାର୍ଗରୁ ଆକ୍ରମଣ କରାଯାଇଛି । ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଆଫଗାନିସ୍ତାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ଅବସରରେ ଏହି ଆକ୍ରମଣ ହୋଇଛି । ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ କହିଛନ୍ତି, ପାକିସ୍ତାନ ସେନା କାବୁଲ, କାନ୍ଧାହାର ଏବଂ ପକ୍ଟିଆ ର କେତେକ ଅଞ୍ଚଳରେ ବିମାନ ଦ୍ୱାରା ଆକ୍ରମଣ କରିଛି । ଅନ୍ୟପକ୍ଷରେ ଆଫଗାନିସ୍ତାନ ବିରୁଦ୍ଧରେ ଆରମ୍ଭ ହୋଇଥିବା ଅପରେସନ ଗାଜାବ୍-ଲିଲ୍-ହକ୍ ଦ୍ୱାରା ଅତିକମ୍‌ରେ ୧୩୩ ଜଣ ତାଲିବାନଙ୍କର ମୃତ୍ୟୁ ହୋଇଥିବା ପାକିସ୍ତାନ ଦାବି କରିଛି । ତାଲିବାନ ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଗତରାତିରେ ୧୯ଟି ପାକିସ୍ତାନୀ ସାମରିକ ପୋଷ୍ଟ ଏବଂ ୨ଟି ଘାଟିକୁ ଆଫଗାନ ସେନା ଅକ୍ତିଆର କରିଥିବା ବେଳେ ମୋଟ୍ ୫୫ ଜଣ ପାକିସ୍ତାନୀ ସୈନିକ ନିହତ ହୋଇଛନ୍ତି ।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଉଭୟ ଦେଶକୁ କୂଟନୀତି ମାଧ୍ୟମରେ ମତଭେଦର ସମାଧାନ କରିବାକୁ ଅନୁରୋଧ କରିଛନ୍ତି । ଭାରତ ପୂର୍ବରୁ ପବିତ୍ର

ରମଜାନ ମାସରେ  ପାକିସ୍ତାନ ଆକ୍ରମଣ ଯୋଗୁଁ ମହିଳା ଏବଂ ଶିଶୁ ସମେତ ଆଫଗାନିସ୍ତାନରେ ସାଧାରଣ ନାଗରିକଙ୍କ ମୃତ୍ୟୁକୁ ଦୃଢ଼ ନିନ୍ଦା କରିଥିଲା ।

---

# କ୍ରିକେଟ୍ ଟି-୨୦

ଆଇସିସି ପୁରୁଷ ବର୍ଗ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜି ଦ୍ୱିତୀୟ ଗ୍ରୁପ୍‌ର ସୁପର୍-୮ ପର୍ଯ୍ୟାୟ ମ୍ୟାଚ୍ ଇଂଲଣ୍ଡ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ । କଲମ୍ବୋର ଆର୍.ପ୍ରେମଦାସା ଷ୍ଟାଡିୟମରେ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଖେଳାଯିବ ।

ଗତ ସନ୍ଧ୍ୟାରେ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ’ ଜିମ୍ବାୱେକୁ ୭୨ ରନ୍‌ରେ ପରାସ୍ତ କରିଛି । ଭାରତ ଏହାର ଅନ୍ତିମ ସୁପର୍-୮ ପର୍ଯ୍ୟାୟ ମ୍ୟାଚ୍ ଆସନ୍ତା ରବିବାର ଦିନ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳିବ । କୋଲକାତାର ଇଡେନଗାର୍ଡେନସ୍ ଠାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ର ଫଳାଫଳ ଉପରେ ଭାରତର ସେମିଫାଇନାଲ୍‌କୁ ଉନ୍ନୀତ ହେବା ନିର୍ଭର କରୁଛି । ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ଆସନ୍ତା ମାସ ୪ ଓ ୫ ତାରିଖରେ ଅନୁଷ୍ଠିତ ହେବା ସହ ୮ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

---